

**୨୦ ବର୍ଷ ● ୧ମ ସଂଖ୍ୟା ● ଜୁଲାଇ ୨୦୧୯ ● ସ୍ୱନକ୍ଷତ୍ର ସ୍ୱତନ୍ତ୍ର**

| | |
|---|---|
| **ଜନଜାତି ବିଶେଷ:** | **ଶ୍ରୀଜଗନ୍ନାଥ ସଂସ୍କୃତିରେ ଶବର ପରମ୍ପରା** |
| | **ଓଡ଼ିଶାର ଆଦିବାସୀ ଦେବଦେବୀ** |
| | **ଆଦିବାସୀ ପର୍ବପର୍ବାଣି** |
| | **ଫୁଲଭର୍ତ୍ତି ଶାଳଗଛ, ଡଙ୍ଗର ଭୂଇଁ ଓ ଶଢର ସବୁଜ ଉପତ୍ୟକା** |
| **କାଳଜୟୀ:** | **ଗୋପାଳବଲ୍ଲଭ ଦାସ** |
| **ସାହିତ୍ୟ :** | **୮ଟି ଗଳ୍ପ, ୪ଟି କବିତା** |
| **ନିୟମିତ :** | **ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ।** |

## ଜନଜାତି ସ୍ୱତନ୍ତ୍ର ସମ୍ପର୍କରେ...

ଆଦିବାସୀମାନଙ୍କର ଭାଷା, ସଂସ୍କୃତି, ପରମ୍ପରା, ଚଳଣି, ବିଶ୍ୱାସ, ଜୀବନଯାପନ ନିଆରା। 'କାଦମ୍ବିନୀ'ର ଏହି ସ୍ୱନକ୍ଷତ୍ର ସ୍ୱତନ୍ତ୍ର ଜନଜାତି ସଂଖ୍ୟାରେ ରହିଛି ଆଦିବାସୀ ଜନ-ଜୀବନ, ପ୍ରଥା-ପରମ୍ପରା, ବିଶ୍ୱାସ-ଅନ୍ଧବିଶ୍ୱାସ-ଅବିଶ୍ୱାସ, ସମାଜ-ସଂସ୍କୃତି-ସଭ୍ୟତାକୁ ନେଇ ଓଡ଼ିଶାର ବିଶିଷ୍ଟ ଆଦିବାସୀ ଗବେଷକ ଓ ସାହିତ୍ୟିମାନଙ୍କ ଉଚ୍ଚକୋଟୀର ଆଲେଖ୍ୟ ସାଙ୍ଗକୁ ଗଳ୍ପ, କବିତା, ଖାଦ୍ୟ ପ୍ରସ୍ତୁତି ପ୍ରଣାଳି ଇତ୍ୟାଦି। ସେଥିସହ ଜନଜାତି ଆଧାରିତ ଓଡ଼ିଶାର ସର୍ବପ୍ରଥମ ଉପନ୍ୟାସ 'ଭୀମାଭୂୟାଁ' ମଧ୍ୟ ଏଥିରେ ସ୍ଥାନିତ ହୋଇଛି। ଆଶା ଓ ବିଶ୍ୱାସ ଏହି ଜନଜାତି ସ୍ୱତନ୍ତ୍ରଟି ଆପଣମାନଙ୍କୁ ବେଶ୍ ଭଲ ଲାଗିବ। - ସମ୍ପାଦିକା

## ଜନଜାତି ବିଶେଷ :

## ଶ୍ରୀଜଗନ୍ନାଥ ସଂସ୍କୃତିରେ ଶବର ପରମ୍ପରା

ଜନମାନସରେ ଜଗନ୍ନାଥ ଧର୍ମ ବା ସଂସ୍କୃତି ଯେପରି ଭାବେ ପ୍ରତିଭାତ ହୋଇଛି, ତାହା ଅନନ୍ୟ ଓ ଅସାଧାରଣ। ଜଗନ୍ନାଥଙ୍କୁ ଶବରମାନଙ୍କ ବଂଶଧର (ଦଇତାପତି)ମାନେ ଦାରୁ ଦେବତା, ବୈଷ୍ଣବମାନେ ଶ୍ରୀପତି, ଶାକ୍ତମାନେ ଶକ୍ତି, ଶୈବମାନେ ଭୈରବ, ବୌଦ୍ଧମାନେ ବୁଦ୍ଧ ଓ ଜୈନମାନେ ଋଷଭ ଦେବ ରୂପେ ପରିକଳ୍ପନା କରିଛନ୍ତି। ପହଣ୍ଡି ସମୟରେ ଶ୍ରୀଜିଉମାନେ ଲଗାଉଥିବା ଫୁଲର ଟାହିଆ ମଧ୍ୟ ଆଦିବାସୀ ପରମ୍ପରାର ଅଂଶ ବିଶେଷ। ଏହିପରି ଭାବରେ ଆଦିବାସୀମାନଙ୍କ ସହିତ ପ୍ରଭୁ ଜଗନ୍ନାଥଙ୍କର ରହିଛି ନିବିଡ଼ ସମ୍ପର୍କ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଆଦିବାସୀ ପରମ୍ପରା କିଭଳି ପ୍ରତିଭାତ ହୋଇଛି, ତାକୁ ନେଇ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ 'କାଦମ୍ବିନୀ'ର ଏହି ବିଶେଷ ପ୍ରତିବେଦନ। ଉପସ୍ଥାପନା: **ଅନନ୍ତ ପ୍ରଧାନ।**

## ଓଡ଼ିଶାର ଆଦିବାସୀ ଦେବଦେବୀ

## ଲେଖକ: ବିଦ୍ୟାଧର ବେହେରା

ଉପରୋକ୍ତ ପ୍ରେକ୍ଷାପଟରେ ସାମଗ୍ରିକ ଓ ସାଧାରଣ ଭାବେ ଓଡ଼ିଶାର ଆଦିବାସୀ ଦେବଦେବୀମାନଙ୍କ ସମ୍ପର୍କରେ ବିଚାର କଲେ ଜଣାଯାଏ ଅନେକ କ୍ଷେତ୍ରରେ ଆଦିବାସୀ ଗୋଷ୍ଠୀମାନଙ୍କର ଧର୍ମବିଶ୍ୱାସରେ ଦେବଦେବୀ ପରମ୍ପରା ପୂଜାବିଧି ପ୍ରଭୃତିରେ ସମତା ଲକ୍ଷ୍ୟ କରାଯାଇଥାଏ। କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଗୋଷ୍ଠୀମାନଙ୍କ ବିଶ୍ୱାସ ଓ ପରମ୍ପରାରେ କେତେକ ସ୍ୱାତନ୍ତ୍ର୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ। ଓଡ଼ିଶାରେ ୬୨ ପ୍ରକାରର ଆଦିବାସୀ ସମ୍ପ୍ରଦାୟମାନଙ୍କ ମଧ୍ୟରୁ ସେମାନଙ୍କ ଆଦିମତାକୁ ବିଚାର କରି ୧୩ଟି ସମ୍ପ୍ରଦାୟକୁ ଆଦିମ ଅଧିବାସୀ ମାନ୍ୟତା ସହ ସେମାନଙ୍କର ବିଶେଷ ଉନ୍ନତି ପାଇଁ ସରକାରଙ୍କର ପ୍ରଚେଷ୍ଟା ଅଛି। ଯଥା-ବଣ୍ଡା, ଜୁଆଙ୍ଗ, ପାଉଡ଼ିଭୂୟାଁ, ମାଙ୍କିଡ଼ିଆ ପ୍ରଭୃତି।

## ଆଦିବାସୀ ପର୍ବପର୍ବାଣି

## ଲେଖିକା: ସଂଘମିତ୍ରା ଭଞ୍ଜ

ଆଦିବାସୀ ଅଧ୍ୟୁଷିତ ରାଜ୍ୟ ଓଡ଼ିଶାର ସାଂସ୍କୃତିକ ମହନୀୟତାର ଅନ୍ୟତମ ବଳିଷ୍ଠ ରୂପ ହେଉଛି ଆଦିବାସୀଙ୍କ ପର୍ବପର୍ବାଣି। ସେମାନେ ଶିଶୁଜନ୍ମ, ନାମକରଣ, ଝିଅ ବଡ଼ହେବା, ବିବାହଉତ୍ସବ, ଶସ୍ୟଉତ୍ପନ୍ନ, ଶୁଦ୍ଧିକ୍ରିୟାଦି ବିବିଧ କ୍ଷେତ୍ରରେ ଅସଂଖ୍ୟ ରୀତି-ନୀତି, ଲୋକାଚାର, ବିଶ୍ୱାସ ତଥା ପୂଜାବିଧିକୁ ମାନ୍ୟତା ପ୍ରଦାନ କରିଥାନ୍ତି। ଏ ସମସ୍ତ ବିଧିବିଧାନ ସହିତ ସାଙ୍ଗୀତିକ ପରିବେଶଟିଏ ସଦାସର୍ବଦା ସଂଶ୍ଳିଷ୍ଟ ଥାଏ।

## ଫୁଲଭର୍ତ୍ତି ଶାଳଗଛ, ଡଙ୍ଗଲ ଭୂଇଁ ଓ ଶଢର ସବୁଜ ଉପତ୍ୟକା

## ଲେଖକ: ଦେବାଶିଷ ପାତ୍ର

କେଉଁ ଡଙ୍ଗର ଗାଁରୁ ତୁଙ୍ଗ୍‌ତୁଙ୍ଗାର ସ୍ୱର ଶୁଭିଲା ତ ଝୁଣ୍ଟିପଡ଼ିଲା ଅନ୍ଧାର। ଧାଙ୍ଗଡ଼ୀର ବୟସକୁ ଅମାନିଆ କରିବାକୁ ଶାଳଗଛର ମଥାନକୁ ଛୁଇଁ ଉଠିଆସିଲା ସାରହୁଲର ଜହ୍ନ। ନୀରବ ସନ୍ଧ୍ୟାକୁ ପଛରେ ପକାଇ ରାତି ସେମିତିରେ ବଢୁଥିଲା ପାଉଁଜିର ମୂର୍ଚ୍ଛନାରେ ତ ମାଦଳର ଢଂ ଢଂ ଆବେଗରେ। ଜୀବନ ପରି ମିଠାଗୀତର ସ୍ୱର ଭାସି ଆସୁଥିଲା ତୀବ୍ର ଆବେଗରେ 'ହୋ-ହୋ-ରିଶ୍, ଧାଙ୍ଗଡ଼ା-ଧାଙ୍ଗଡ଼ୀ ମିଶ୍।'

## ଓଡ଼ିଶାର ଜନଜାତି ଭାଷା ଓ ଲିପି

### ଲେଖକ: ରମେଶ ଚନ୍ଦ୍ର ମଲ୍ଲିକ

ଓଡ଼ିଶାର ଜନଜାତି ଭାଷା ଓ ଲିପି ସମ୍ପର୍କରେ କେତୋଟି ଗବେଷଣାତ୍ମକ ଲେଖା ପ୍ରକାଶିତ ହୋଇଥିଲେ ହେଁ ଭାଷାବୈଜ୍ଞାନିକ ଦୃଷ୍ଟିକୋଣରୁ କାଁ ଭାଁ ଆଲୋଚନା ପ୍ରକାଶିତ ହୋଇଚି। ଓଡ଼ିଶାର ଜନଜାତି ଭାଷା ଓ ଲିପି ସମ୍ପର୍କରେ ବିଶଦ ଆଲୋଚନା କରିବା ହେଉଚି ଏହି ପ୍ରବନ୍ଧର ଲକ୍ଷ୍ୟ।

## ପାହାଡ଼ ତଳେ ଆବୃତ୍ତି ହେଉଥାଏ ପାଦର ଛନ୍ଦ କବିତା

### ଲେଖକ: ରଞ୍ଜନ ପ୍ରଧାନ

ଧାଙ୍ଗଡ଼ାମାନେ ଟଇଁଲା, ତିଡ଼ିବିଡ଼ି, ଟାମକ୍ ସଜାଡ଼ିବାରେ ବ୍ୟସ୍ତ ଥା'ନ୍ତି। ଡୋକରା, ଡୋକରି ମହୁଲ ପିଇ ବେରଣ ସ୍ଥଳରେ ନାଚ, ଗୀତ ଉପଭୋଗ କରିବାକୁ ଅପେକ୍ଷା କରି ବସନ୍ତି। ସଞ୍ଜ ବୁଡୁବୁଡୁ ଗାଁ ଦାଣ୍ଡରେ ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚ ଗୀତର ଆସର ଜମେଇ ଦିଅନ୍ତି। ନୃତ୍ୟର ତାଳେତାଳେ ଆଦିବାସୀ ଗାଁଗୁଡ଼ିକ ପ୍ରକମ୍ପିତ ହୋଇ ଉଠେ। ପ୍ରକୃତରେ ଏ ଦୃଶ୍ୟ ଓ ମୁହୂର୍ତ୍ତସବୁ ବିରଳ।

## ଜନଜାତିଙ୍କ ବାଦ୍ୟଯନ୍ତ୍ର

### ଲେଖକ: ନାକୁ ହାଁସ୍‌ଦାଃ

ସମଗ୍ର ଭାରତବର୍ଷରେ ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ ଭାବରେ ସୁପରିଚିତ। ଏଠାରେ ମୋଟ ଜନସଂଖ୍ୟାର ୨୨.୫ ପ୍ରତିଶତ ହେଉଛନ୍ତି ଏହି ବର୍ଗର। ପୁନଶ୍ଚ ଏହିମାନଙ୍କ ପ୍ରକାରଭେଦ କଥା ବିଚାର କଲାବେଳକୁ ଓଡ଼ିଶାରେ ଏହା ୬୨ ବୋଲି ଜଣାଯାଇଥାଏ। ଏହି ପ୍ରବନ୍ଧରେ ସେମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ରର କଥା ଆଲୋଚନା କରାଯାଇଛି।

## ଆଦିବାସୀ ଲୋକଗୀତ

### ଲେଖକ: ଯାଜ୍ଞସେନୀ ପ୍ରଧାନୀ

ଆଦିବାସୀ ସଂସ୍କୃତିର ମହାର୍ଘ ବିଭବ ରୂପେ ପରିଚିତ ନୃତ୍ୟ ଓ ସଙ୍ଗୀତ ମୁଖ୍ୟତଃ ସାମାଜିକ କର୍ତ୍ତବ୍ୟ, ପର୍ବପର୍ବାଣି, ଦେବଦେବୀଙ୍କ ଉଦ୍ଦେଶ୍ୟ ଓ ଅବସର ବିନୋଦ ଆଧାରିତ। ଏମାନେ ବିବାହ ତଥା ପର୍ବପର୍ବାଣିମାନଙ୍କରେ ନୃତ୍ୟର ଆୟୋଜନ କରି ବିଭିନ୍ନ ଗୀତ ଗାନ କରନ୍ତି। ଏ ସବୁ ଗୀତ ଗାଇ ଢୋଲ, ନିଶାନ, ମହୁରୀ, ମାଦଳ, ତାଳ, ଝାଞ୍ଜୀ, ଢୁନ୍‌ଢୁନିଆ, ସାରଙ୍ଗୀ, ତିରିବିଡ଼ି (ତସା) ପ୍ରଭୃତି ବାଦ୍ୟର ତାଳେତାଳେ ଯୁବକ-ଯୁବତୀମାନେ ଦଳଦଳ ହୋଇ ନାଚିଥାନ୍ତି।

## ଆଦିବାସୀ ସଂସ୍କୃତିରେ ଅଳଙ୍କାର

### ଲେଖକ: ପ୍ରହ୍ଲାଦ ଖିଲ

ଆଦିବାସୀ ସାଂସ୍କୃତିକ ପରମ୍ପରାର ଏକ ବଡ଼ ବିଶେଷତ୍ୱ ହେଉଛି ଅଳଙ୍କାର। ଓଡ଼ିଶାର ଆଦିବାସୀ ଅଳଙ୍କାରପ୍ରିୟ ଜନଜାତି। ଏଇ ଜନଜାତି ସଂସ୍କୃତିରେ ଅଳଙ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ସମ୍ପର୍କରେ ଏକ ଆଲେଖ୍ୟ।

## ଆଦିବାସୀ ଢଗଢମାଳି

### ଲେଖକ: ମକରଧ୍ୱଜ ରାଉତ

ଆଦିମ କାଳରୁ ଏ ଧରାପୃଷ୍ଠରେ ବସବାସ କରି ଆସୁଥିବା ଆଦିବାସୀମାନଙ୍କ ଢଗଢ଼ମାଳି ଅତି ଲୋକପ୍ରିୟ। ଏହା ଏକାଧାରରେ ଆଦିବାସୀ ଲୋକକଳା, ଲୋକସାହିତ୍ୟ ଓ ଲୋକସଂସ୍କୃତିକୁ ବହନ କରିଥାଏ । ଓଡ଼ିଆ ଢଗଢମାଳି ସହ ଆଦିବାସୀ ଢଗଢମାଳିର ସାମଞ୍ଜସ୍ୟ ଥିଲେ ମଧ୍ୟ ଏହା ସ୍ୱତନ୍ତ୍ର ଓ ସ୍ୱୟଂସଂପୂର୍ଣ୍ଣ ଭାବଧର୍ମୀ ଅଟେ । ଏହା ଆଦିବାସୀ ଭାଷା ଓ ସଂସ୍କୃତିର ନିଜସ୍ୱ ସଂପତ୍ତି ଅଟେ ।

## ଜନଜାତି ପରମ୍ପରାରେ ଚିତାକୁଟା

### ଲେଖକ: ଦେବାଶିଷ ପାତ୍ର

ପ୍ରାଚୀନ ଓଡ଼ିଶାକୁ ଅନୁଧ୍ୟାନ କଲେ ଜାଣିହୁଏ କେବଳ ଜନଜାତି ଗୋଷ୍ଠୀ ନୁହନ୍ତି ବରଂ ଉଚ୍ଚବର୍ଗର ମହିଳାଙ୍କ ଭିତରେ ଚିତାକୁଟାର ଆଦୃତି ଥିଲା। ତେବେ ଆଜି ଏହା କେବଳ ଆଦିବାସୀର ପରମ୍ପରା ହୋଇ ଜନମାନସରୁ ହଜିଯିବାକୁ ବସିଛି। ଓଡ଼ିଶାର ବାଲେଶ୍ୱର, ଭଦ୍ରକ ପ୍ରଭୃତି ଅଞ୍ଚଳରେ ଏହି ଚିତାକୁଟା 'ଉଲଖି' ଭାବରେ ପରିଚିତ ଥିବାବେଳେ କଟକ ଓ ଏହାର ଆଖପାଖ ଅଞ୍ଚଳରେ ଏହା 'କୁଟେଇଚିତା' ଭାବରେ ପରିଚିତ।

## ମହ୍ଲାର ଜନଜାତି

### ଲେଖକ: ଅସିତ୍ ପ୍ରଧାନ

ମହ୍ଲାରମାନେ ସାଧାରଣତଃ ମୁଖ୍ୟସ୍ରୋତଠାରୁ ଦୂରରେ ରୁହନ୍ତି। ବଣର ମୋହରେ ଏବେ ବି ସେମାନେ ମୋହାଛନ୍ନ। ଏମାନେ ସାଧାରଣତଃ ଯାଯାବର ଜୀବନଯାପନ କରନ୍ତି। ଏବେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥାୟୀ ବସବାସ କରୁଛନ୍ତି। କିନ୍ତୁ ପ୍ରକୃତ ମହ୍ଲାର ବା ପ୍ରକୃତ ଯାଯାବର ମହ୍ଲାରମାନଙ୍କ ଉପରେ ଉଚ୍ଚତର ତଥ୍ୟ ସଂଗ୍ରହ କିମ୍ବା ଗବେଷଣା ହୋଇପାରିନାହିଁ।

## ଆଳାପ
## ରାଇରଙ୍ଗପୁରରୁ ରାଜଭବନ: ଝାଡ଼ଖଣ୍ଡର ମହାମହିମ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ

୧୮ ମଇ ୨୦୧୫ରେ ଦ୍ରୌପଦୀ ମୁର୍ମୁ ପଡ଼ୋଶୀ ଝାଡ଼ଖଣ୍ଡର ମହାମହିମ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରନ୍ତି। ଝାଡ଼ଖଣ୍ଡର ନବମ ମହାମହିମ ରାଜ୍ୟପାଳ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ହେଉଛନ୍ତି ସେହି ରାଜ୍ୟର ପ୍ରଥମ ମହିଳା ରାଜ୍ୟପାଳ। ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷର ଆଦିବାସୀ ସମାଜର ଜଣେ ପ୍ରତୀକଭାବେ ବିଚାର କରାଯାଇପାରେ। ପ୍ରିୟ ପାଠକ, ଝାଡ଼ଖଣ୍ଡ ରାଜ୍ୟର ମହାମହିମ ରାଜ୍ୟପାଳ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ମୋର ସେହି ସାକ୍ଷାତକାର ଆପଣମାନଙ୍କ ପାଇଁ ପ୍ରିୟ କାଦମ୍ବିନୀ ପୃଷ୍ଠାରେ। **ଇତି ସାମନ୍ତ**

## ଆଳାପ : ଜନଜାତି ଜନସେବାର ପ୍ରତୀକ: ତୁଳସୀ ମୁଣ୍ଡା

ଜନଜାତି ଜନସେବାର ଜଣେ ପ୍ରତୀକ ହେଉଛନ୍ତି ପଦ୍ମ ଶ୍ରୀ ତୁଳସୀ ମୁଣ୍ଡା। ଦୀର୍ଘ ବର୍ଷ ଧରି ସେ ସାଧାରଣ, ଅଭାବୀ, ଦୁଃଖୀ, ନିଷ୍ପେଷିତ ମଣିଷମାନଙ୍କ ପାଇଁ ନିଜ ଜୀବନକୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସେବାକାର୍ଯ୍ୟ ନିମନ୍ତେ ଉତ୍ସର୍ଗ କରିଆସିଛନ୍ତି। କୌଣସି ଆନୁଷ୍ଠାନିକ ଶିକ୍ଷା ଲାଭ କରି ନ ଥିଲେ ହେଁ ତାଙ୍କର ସ୍ୱ-ଅଧ୍ୟବସାୟରେ ଉପାର୍ଜିତ ଶିକ୍ଷା ଓ ସଂସ୍କାର ଅନ୍ୟମାନଙ୍କ ପାଇଁ ଏକ ପ୍ରତୀକ ସ୍ୱରୂପ। ସେବା ଓ ସମର୍ପଣର ସେହି ମହାନ ବ୍ୟକ୍ତିତ୍ୱଙ୍କ ଜୀବନୀ ଓ କାର୍ଯ୍ୟାବଳୀ ନିଶ୍ଚିତଭାବେ ଉଦାହରଣୀୟ। **ଇତି ସାମନ୍ତ**

## ଆଳାପ : ଚାଷ ଓ ବିହନର ପୂଜାରିଣୀ: କମଳା ପୂଜାରୀ

କୋରାପୁଟ ଜିଲ୍ଲାର ଜୟପୁର - ବୈପାରୀଗୁଡ଼ା ରାସ୍ତାରେ ଜୟପୁରଠାରୁ ମାତ୍ର ୧୫ କି.ମି ପରେ ରାସ୍ତାକଡ଼ରେ ପଡ଼େ ଗୋଟିଏ ନିପଟ ଛୋଟିଆ ଆଦିବାସୀ ଗାଁ, 'ପାତ୍ରପୁଟ'। ପାହାଡ଼ ପର୍ବତ ଓ ବଣଜଙ୍ଗଲ ଘେରା ଏହି ଗାଁ'କୁ ପଶି ମାତ୍ର ଶହେ ମିଟର ଗଲେ ବାଁପଟେ ପ୍ରଥମେ ଯେଉଁ ପକ୍କା ଇନ୍ଦିରା ଆବାସ ଘରଟି ପଡ଼େ ତାହା ହେଉଛି ଓଡ଼ିଶାର ବହୁଚର୍ଚ୍ଚିତ ବିହନ ସଂରକ୍ଷଣକାରୀ ଆଦିବାସୀ ମହିଳା ପଦ୍ମଶ୍ରୀ କମଳା ପୂଜାରୀଙ୍କ ଘର। ତେବେ ଆଜି ବି ପଦ୍ମଶ୍ରୀ କମଳା ପୂଜାରୀ ନିଜର ସାଧାରଣ ଜୀବନଯାପନରେ ନିଜକୁ ସୀମିତ ରଖିଛନ୍ତି। କମଳା ପୂଜାରୀଙ୍କ ସହିତ କିଛି ସମୟର ଆଳାପ ପ୍ରିୟ ପାଠକଙ୍କ ନିମନ୍ତେ: ଇତି ସାମନ୍ତ

## ଆଳାପ : ଜଳ, ଜମି ଓ ଜଙ୍ଗଲ ସୁରକ୍ଷାର ମଣି: ଦୟାମଣୀ

'ଜଳ, ଜମି ଓ ଜଙ୍ଗଲ ହେଉଛି ସୃଷ୍ଟିର ମୂଳ ପୁଞ୍ଜି। ତେଣୁ ଏଥିରେ କୌଣସି ପ୍ରକାର କ୍ଷତି ପହଞ୍ଚାଇବା ଉଚିତ ନୁହେଁ। ଆଉ ଯଦି କେହି ଏଥିରେ କ୍ଷତି ପହଞ୍ଚାଉଛି, ତାହାକୁ ଯେକୌଣସି ମୂଲ୍ୟରେ ବିରୋଧ କରାଯିବା ଉଚିତ। କେବଳ ସେତିକି ନୁହେଁ, ଏହି ତିନି ସମ୍ପଦର ମୁଖ୍ୟ ସଂରକ୍ଷଣକାରୀ ପ୍ରାଚୀନ ଜନଜାତି ଓ କୃଷକମାନଙ୍କର ସୁରକ୍ଷା ମଧ୍ୟ ଜରୁରୀ। ସେମାନଙ୍କୁ ବିସ୍ଥାପନ କରି, ପ୍ରାକୃତିକ ସମ୍ପଦ ନଷ୍ଟକରି ଶିଳ୍ପ ଗଢ଼ିବାର ଅର୍ଥ କିଛି ନାହିଁ।' ଏହିଭଳି ସଂକଳ୍ପ ନେଇ ଗତ କିଛିବର୍ଷ ହେଲା ଅହରହ ସଂଗ୍ରାମ ଓ ଆନ୍ଦୋଳନ କରିଆସୁଛନ୍ତି ଝାଡ଼ଖଣ୍ଡ ରାଜ୍ୟର ଜଣେ ସାଧାରଣ ମହିଳା ଦୟାମଣୀ ବାର୍ଲା। ଆସନ୍ତୁ ତେବେ ପଢ଼ିବା ଦୟାମଣୀ ବାର୍ଲାଙ୍କ ଜୀବନୀଗାଥା ତାଙ୍କର ମୁହଁରୁ: ଇତି ସାମନ୍ତ

## ଅନ୍ୟ ଆଳାପ : ଆଦିରାଣୀ ପଲ୍ଲବୀ

ଆଦିବାସୀ ଝିଅମାନଙ୍କୁ ନେଇ ଗତ ବର୍ଷ 'ଆଦିରାଣୀ-କଳିଙ୍ଗ ଆଦିବାସୀ ରାଣୀ' ପ୍ରତିଯୋଗିତାର ପରିକଳ୍ପନା କରାଯାଇଥିଲା। ତେବେ ନିଜର ପ୍ରତିଭା, ଚେଷ୍ଟା, ଦୃଢ଼ ମନୋବଳ ଓ ଆଗକୁ ବଢ଼ିବାର ଇଚ୍ଛା ଯୋଗୁଁ ନିଜ ପରିବାର ଓ ଅଞ୍ଚଳ ପାଇଁ ପଲ୍ଲବୀ ସାଜିଛନ୍ତି ଆଦିରାଣୀ। ଅପହଞ୍ଚ ଇଲାକାର ଏହି ଆଦିବାସୀ ଝିଅ ଚଳିତ ସଂଖ୍ୟା 'କାଦମ୍ବିନୀ'ର ପ୍ରଚ୍ଛଦପୃଷ୍ଠା ମଣ୍ଡନ କରିଛନ୍ତି। ଏହି ଅବସରରେ ଆସନ୍ତୁ ଜାଣିବା ତାଙ୍କ ସଂଘର୍ଷମୟ ଜୀବନର କଥା। ସାକ୍ଷାତ ଓ ଉପସ୍ଥାପନା: କେଦାର ପୃଷ୍ଟି

## ଗଳ୍ପ: ଆର୍ଯ୍ୟାବର୍ତ୍ତରେ ଅନାର୍ଯ୍ୟ ଦାସ
## ଲେଖକ: ଗିରି ଦଣ୍ଡସେନା

ଲକ୍ଷଲକ୍ଷ ଟଙ୍କା ରୋଜଗାର କରିବାର ଲୋଭନୀୟ ଜାଲରେ ପଡ଼ି ଛୁଟ୍‌କୀ ହଠାତ୍ ଦିନେ ଘରୁ ବଜାର୍ ଯାଉଛି କହି କା' ସାଙ୍ଗରେ ଗୋଟେ ସିଧା ଦିଲ୍ଲୀ ଛୁ! ଆମେ ଆଗ୍ୟାଁ ଝିଅଟା କୁଆଡ଼େ ହଜିଗଲା ବୋଲି ପୁଲିସ୍ ଥାନାରେ ଏତଲା ଦେଲୁଁ। ପୁଲିସ୍ ବି ଦେଖିବା କହି ଦେଖୁଦେଖୁ ବର୍ଷେ ପାର୍! ତା'ପରେ ତାର୍ ଆଉ କିଛି ସୋର୍ ଖବର୍ ମିଳିଲାନି।

## ଗଳ୍ପ : ଅନିଷ୍ଟାଚରଣ
## ଲେଖକ: ଆଦିତେଶ୍ୱର ମିଶ୍ର

ଗାଁକୁ ବାରକୋଶର ସଡ଼କ ଫିଟିଲା। ଗାଁ ଦାଣ୍ଡରେ ବିଜୁଳି ଆଲୁଅର ଫୁଆରା ମେଲିଲା। ଝାଟିମାଟି ଘର ଜାଗାରେ ପକ୍କାଘର ତୋଳାହେଲା। ଘରେଘରେ ଟିଭି ଦିଶିବା ପରେ ଗାଁର ମଣିଷ ମାଇପ ଦାନ୍ତକାଠି ଛାଡ଼ି ଧଳା ଗୁଡ଼ାଖୁ କଲେ। ସାତକାଣ୍ଡ ରାମାୟଣ ଦେଖିଲେ। ଅଶୋକ ବଣରେ ସୀତାମାତାଙ୍କ ଆକୁଳ କ୍ରନ୍ଦନରେ ବିହ୍ୱଳ ହୋଇ ଗୋଟା ଗାଁ ମହିମାତାର କରୁଣ କାନ୍ଦକୁ ପାସୋର ହେଲେ।

**ଗଳ୍ପ : ସଂଘାତ**

**ଲେଖକ: ବିବିଧ ବିଶ୍ୱ**

ସିଦ୍ଧାନ୍ତ ମନେମନେ ଭାବୁଥିଲା ସତରେ ଏ ମାଟି କେତେ ମହାନ। ଯାହାର ମାଟି ତଳେ ସୁନା ଆଉ ମାଟି ଉପରେ ଏ ଆଦୀବାସୀମାନେ ମଧ୍ୟ କୌଣସି ସୁନା, ହୀରାଠାରୁ କମ୍ ନୁହନ୍ତି। ଆଗରୁ ଶୁଣିଥିଲା ଏଇ ମାଟିରୁ ଅନେକ ହକି ଖେଳାଳି ବାହାରି ସାରା ବିଶ୍ୱରେ ସୁନାମ ଅର୍ଜନ କରିଛନ୍ତି। ଆଉ ଆଜି ସେ ମାଟି ଉପରେ ଛିଡ଼ା ହୋଇ ସେ ଦେଖୁଛି ଏହାର ମହାନତା ତଥା ପ୍ରାଚୁର୍ଯ୍ୟପଣିଆ।

**ଗଳ୍ପ : ପିମ୍ପୁଡ଼ି**

**ଲେଖକ : ସୁଜିତ କୁମାର ପଣ୍ଡା**

"ଜାଗିଡ଼ି/କେଡୁରେ ଛୁଆଛୁତି ନାଇଁ। ବାରଣ ନାଇଁ। ଧାଙ୍ଗ୍ଡ଼ା ଧାଙ୍ଗ୍ଡ଼ୀ ମିଶିଗଲେ। ଅପରାଧ କ୍ଷମା। ଝାଙ୍କର ମାଂସ ଦେବ, ମଦ ଦେବ। କନ୍ୟା ଯଦି ପୁରୁଣା ଘର ପରିବାରକୁ ସାତ-କୁଟା ଛିଣ୍ଡାଇ ଦେବ, ସମାଜ ମାନିଯିବ। ହେଲେ ସ୍ୱାସୁ କି ପିଲାଛୁଆ ତିନି ପିଢ଼ି ଝାଙ୍କର, ଗୁରୁ, ଜାନୀ ମୁଖିଆ ହେବେ ନାଇଁ।"

**ଗଳ୍ପ : ଅନ୍ଧାର**

**ଲେଖକ : କୌତୁକ ପନ୍ଦର**

ଗୁଣିଆ ଦିର୍ଜୁ କର୍ଦ୍ଦଲାଇ, ଧାନ ଆଉ ବତି ଦେଖି କହିଲା, "ଅନି ସାଏକୁ ଜଣେ ପାଙ୍ଗିଛି, ନଶେନ୍ କରିଛି। ଶତ୍ରୁ ତା' ଘର ପାଖରେ ହିଁ ରହିଛି।" ସତକୁ ସତ ଶବ ସକ୍ରାର ଦିନ ସନ୍ଧ୍ୟାରେ ହିଁ ମକାରୁ ପରେଖ୍ ମଦ ପି' ବାହାସ୍କୋଟ ମାରିଥିଲା – "ଇଥର ସବ୍‌କେ ଖାଇବି, ଗୁଟେ କେ ତ ତୁଲାନି ନେ।" (ଏଥର ସପରିବାରକୁ ମାରିବି, ଗୋଟାଏ କୁ ତ ମାରି ସାରିଲିଣି)

**ଗଳ୍ପ : ବାଘ**

**ଲେଖକ : ସୁଧୀର କୁମାର ଧଙ୍ଗଡ଼ାମାଝୀ**

ଦେବ୍‌ତା ପାଖରେ ଉତ୍ସର୍ଗ କରାଯାଇଥିବା ମେରିଆ ପୋଢ଼କୁ ବାଉଁଶ ଘେରି ଭିତରକୁ ଅଣାଗଲା। ଚାରିଆଡ଼େ ଘେରିଗଲେ ଧାଙ୍ଗଡ଼ାମାନେ, ବୟସ୍କ ଲୋକମାନେ ବି। ସମସ୍ତଙ୍କ ହାତରେ ଫିନ୍‌ଫିନୁଥିବା ଟାଙ୍ଗିଆ। ଜାନୀ ଆଗ ଚୋଟ ପକାଇଲା ମେରିଆ ଗୋଡ଼ରେ। ଧନ୍ୟ ଦେବ୍‌ତାର କରାମତି। ମେରିଆ ଉଁ କି ଚୁଁ କଲାନାଇଁ। ଚୋଟ ପରେ ଚୋଟ ମାରି ଚାଲିଲେ ସଭିଏଁ।

**ଗଳ୍ପ : ଯେଉଁଠି ଦିନେ ସୁନ୍ଦୁ ସିକୋକାର ଗାଁ ଥିଲା**

**ଲେଖକ : ଡିଲେଶ୍ୱର ରଣା**

ସୁନ୍ଦୁ ନିଜ କାନକୁ ବିଶ୍ୱାସ କରିପାରିଲାନି। ଧୀରେଧୀରେ ଆହୁରି ସ୍ପଷ୍ଟ ଶୁଭିଆସିଲା ସେ ଶବଦ। ସତେ ସେ ଶବଦ ବଢ଼େଇଦେଉଛି ତା'ର ଧୁକ୍‌ଧୁକି। ମରେଇଦେଉଛି ମନର ଭୋକ। ଶୋଷରେ ଶୁଖିଯାଉଛି ତା' ତଣ୍ଟି। ଡଙ୍ଗର ତାଙ୍କ ବାପଦାଦି ଚଉଦ ପୁରୁଷର ଭିଟାମାଟି। ଅକାଳ ସକାଳରେ କେବେ ସେମାନେ ଡଙ୍ଗର ଛାଡ଼ିବା କଥା ଚିନ୍ତା କରିନାହାନ୍ତି। ଆଜି କେମିତି ଛାଡ଼ିବେ ? କ୍ରମେ ନିଆଁ ପରି କଥାଟା ଖେପିଗଲା ଡଙ୍ଗର ଉପର ଗାଁମାନଙ୍କରେ। ଜଳିଉଠିଲା ଲୋକଙ୍କ ଅନ୍ତରାତ୍ମା। ତାତି ଉଠିଲା ତାଙ୍କ କୋମଳ ରକତ।

**ଗଳ୍ପ : ବିସ୍ଥାପିତ**

**ଲେଖକ : ସନ୍ଦୀପ ମହାପାତ୍ର**

ବଡ଼ବାବୁ ପଚାରିଲେ କ'ଣ ହେଲା ? ମୁଁ ମୋର ମରଦକୁ ନେବି। ଏଇ ମନ୍ତ୍ରୀ ଲେଖି ଦେଇଛନ୍ତି। ବଡ଼ବାବୁଙ୍କୁ କାଗଜଟି ଦେଇ କହିଲା ଝୁମୁରୀ। କାଗଜଟିକୁ ବଡ଼ବାବୁ ଓଲଟେଇ ଦେଖିଲେ। ସେଇଟା ଜାମିନ ଅର୍ଡ଼ର। ସେ ବିରକ୍ତ ହେଇ କହିଲେ ଆଉ ଏ କାଗଜ କିଛି କାମରେ ଲାଗିବନି। କାଲି ରାତିରେ ପିନ୍ଧାଲୁଗା ବେକରେ ଲଗେଇ ଟିକ୍ରା ମାଝି ଆତ୍ମହତ୍ୟା କରିଛି।

**କାଳଜୟୀ:**

୧୮୬୦ ମସିହାରେ କଟକ ଜିଲ୍ଲା, ସାଲେପୁରର ସତ୍ୟଭାମାପୁର ଗ୍ରାମରେ ଗୋପାଳବଲ୍ଲଭ ଜନ୍ମ ଗ୍ରହଣ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ ପରେ ଗୋପାଳବଲ୍ଲଭ ଡେପୁଟି ମାଜିଷ୍ଟ୍ରେଟ୍ ହୋଇଥିଲେ। କେନ୍ଦୁଝର ରାଜା ଗାଦି ପାଇବା ସମୟରେ ପରେ ସେ ଓଡ଼ିଶା କମିସନରଙ୍କ ପର୍ସନାଲ ଆସିଷ୍ଟାଣ୍ଟ୍ ଓ ଗଡ଼ଜାତସମୂହର ଆସିଷ୍ଟାଣ୍ଟ୍ ସୁପରିଣ୍ଟେଣ୍ଡେଣ୍ଟ୍ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିଠାରେ ହିଁ ସେ ଭୂୟାଁ ଆଦିବାସୀମାନଙ୍କ ସମ୍ପର୍କରେ ଆସିଥିଲେ, 'ଭୀମା ଭୂୟାଁ' ଲେଖିବାର ପ୍ରେରଣା ପାଇଥିଲେ ଓ ଉପାଦାନ ସଂଗ୍ରହ କରିଥିଲେ। ସାମଗ୍ରିକ ଭାବରେ ଅନୁଧ୍ୟାନ କଲେ 'ଭୀମା ଭୂୟାଁ' ଗୋଟିଏ ପୂର୍ଣ୍ଣାଙ୍ଗ, ଯଥାର୍ଥ ଓ କାଳଜୟୀ ଉପନ୍ୟାସରେ ପରିଣତ ହୋଇଛି। କାଳିନ୍ଦୀ ଚରଣ ପାଣିଗ୍ରାହୀ ଏହାକୁ ଓଡ଼ିଆ ସାହିତ୍ୟର 'କାଦମ୍ବରୀ'ର ଆଖ୍ୟା ପ୍ରଦାନ କରିବା ସହିତ ଏକ ଗଦ୍ୟକାବ୍ୟ ଭାବରେ ମଧ୍ୟ ଅଭିହିତ କରିଛନ୍ତି। ଆମ ଜାତିର ଆମ ମାଟିର ଆମ ସାହିତ୍ୟର ଏହି ଅମୂଲ୍ୟ ନିଧିକୁ ପାଠକମାନଙ୍କ ସମ୍ମୁଖରେ ପୁନଃଉପସ୍ଥାପିତ କରି 'କାଦମ୍ବିନୀ' ଆନନ୍ଦ ଅନୁଭବ କରୁଛି। – **ସମ୍ପାଦିକା**

## ଗଳ୍ପ : ଭୀମାଭୂୟାଁ

## ଲେଖକ : ଗୋପାଳବଲ୍ଲଭ ଦାସ

ଚାରି ଭାଇଙ୍କ ମଧ୍ୟରେ ଜ୍ୟେଷ୍ଠ ରାମ ଦାଶରଥି। ପଙ୍କରୁ କୁମୁଦ ପ୍ରଭୃତି ଜନ୍ମୁଥିଲେ ବି କମଳ ପଙ୍କଜ ନାମଧାରୀ। ସେହିପରି ଏଠାରେ ତିନିଜଣ ଲକ୍ଷ୍ୟର ସ୍ଥଳ। ପ୍ରଥମତଃ, ଏ ଗ୍ରାମର ତିଳ ସରଦାର ଝିଅ ଚିନାମାଳୀ। ତାହାଛଡ଼ା ସରଦାରଙ୍କ ଅନ୍ୟ ସନ୍ତାନସନ୍ତତି ନାହିଁ। ପୁଣି ସରଦାରଙ୍କ ଗାଈ, ମଇଁଷି, ଧାନ, ଚାଉଳ, ଛେଳି, ମେଣ୍ଢା ଅନେକ ଅଛନ୍ତି। ତଥାପି ଧନାଗମର ଫନ୍ଦା ସରଦାର ବୃଦ୍ଧ ବୟସରେ ବି ଛାଡ଼ି ନାହାନ୍ତି। ଏ ସବୁ ଚିନାମାଳୀ ପାଇଁ। ଏ ଅଞ୍ଚଳରେ ତାହାପରି କେହି ସୁନ୍ଦରୀ ନାହାନ୍ତି। ସେ ଯୁବାବସ୍ଥାରେ ଉପସ୍ଥିତା। ତାହାର ରୂପ ପରି ଗୁଣ ମଧ୍ୟ ସମସ୍ତେ ପ୍ରଶଂସା କରିଥାନ୍ତି।

## କବିତା

ଏଥର କବିତାରେ ରହିଛି: ସତ୍ୟାନନ୍ଦ ଭୋଇଙ୍କ 'ଏକ୍‌ଲୁ', ଅନୁଜ ମୋହନ ପ୍ରଧାନଙ୍କ 'ଭୂତକାଳ', ଆନ୍‌ପା ମାର୍ଣ୍ଡିଙ୍କ 'ବୁଢ଼ିଆଣୀ ଜାଲ ଓ କଟା ଅଙ୍ଗୁଳି' ଏବଂ ହେମନ୍ତ ଦଳପତିଙ୍କ 'ଟାଙ୍ଗିଆ'।

## ଆମ ରୋଷେଇ :

କେଉଁ ଆବହମାନ କାଳରୁ ଜନଜାତିଙ୍କର ନିଜସ୍ୱ ସଂସ୍କୃତି, ପରମ୍ପରା, ଚାଲିଚଳଣ, ବେଶଭୂଷା, ପରିପାଟୀ, ଖାଦ୍ୟପେୟଗୁଡ଼ିକରେ ସ୍ୱାତନ୍ତ୍ର୍ୟ ବେଶ୍ ବାରି ହୋଇପଡ଼େ। ମୁଖ୍ୟତଃ ସେମାନଙ୍କର ଖାଦ୍ୟ ଭାବରେ ସେମାନେ ବାଉଁଶ କରଡ଼ି, ବିଭିନ୍ନ ପ୍ରକାର ଛତୁ, ଶାଗ, ମାଣ୍ଡିଆ, ବିଭିନ୍ନ ପ୍ରକାର ମଞ୍ଜି ଓ କନ୍ଦା ଆଦିର ବ୍ୟବହାର କରିଥାନ୍ତି। ବିଭିନ୍ନ ପର୍ବପର୍ବାଣିରେ ସେମାନଙ୍କର ମଧ୍ୟ ନୂଆ ଖାଇବାର (ବର୍ଷରେ ପ୍ରଥମକରି) ନିୟମ ରହିଛି। ବିଭିନ୍ନ ପିଠା ପଣା ମଧ୍ୟ ସେମାନେ କରିଥାନ୍ତି। ସେମାନଙ୍କର ଖାଦ୍ୟ ପ୍ରସ୍ତୁତି ଶୈଳୀ ମଧ୍ୟ ଭିନ୍ନ ଧରଣର ହୋଇଥାଏ। ଜନଜାତିଙ୍କର ଏହିଭଳି ବିବିଧ ଖାଦ୍ୟ ମଧ୍ୟରୁ କେତୋଟି ଖାଦ୍ୟ ପ୍ରସ୍ତୁତିର ବର୍ଣ୍ଣନା ଏଠାରେ।

## କାଦମ୍ବିନୀ ପରିକ୍ରମା: ଜୁନ୍ ସଂଖ୍ୟା ସମ୍ପର୍କରେ

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପ୍ରତିଟି ସଂଖ୍ୟା ବହୁ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି କ୍ରମରେ 'କାଦମ୍ବିନୀ'ର ଜୁନ ସଂଖ୍ୟାର ରହିଛି ଅନେକ ଭିନ୍ନତା। ସବୁ ସଂଖ୍ୟା ପରି 'କାଦମ୍ବିନୀ' ଏହି ଆମ ରୋଷେଇ ସ୍ୱତନ୍ତ୍ର ସଂଖ୍ୟାଟି ମଧ୍ୟ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଏହି କ୍ରମରେ ଜୁନ ସଂଖ୍ୟା ସମ୍ପର୍କରେ ସାହିତ୍ୟିକା ସୁଷମା ମିଶ୍ରଙ୍କ ଅଭିମତ ଏଠାରେ ସ୍ଥାନିତ କରୁଛୁ।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠାରେ ଅଛି: ଜୋର୍ କା ଝଟ୍‌କା, ପ୍ରେମ ଏ.ଟି.ଏମ, ସେଲ୍‌ଫିସ୍ ଦିଲ୍, ମଲାଲ, ପତି, ପତ୍ନୀ ଔର ୱ ଏବଂ  ତଖତ୍।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି: ଉତ୍କଳ ସାହିତ୍ୟ ସମାଜ ଉତ୍ସବ, ସଙ୍ଗୀତ ସୁଧାକରଙ୍କ ଜୟନ୍ତୀ, 'ବାଣୀଚିତ୍ର'ର ବାର୍ଷିକୋତ୍ସବ, ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ଅବନୀ ବରାଳଙ୍କ ଜୟନ୍ତୀ ଏବଂ ସୁର ତରଙ୍ଗ ବାଦ୍ୟଶିଳ୍ପୀ ସମାରୋହ।

## ରାଶିଗଣନା ଓ ତିଥି-ବାର-ବେଳା

ଜୁନ୍ ମାସର ରାଶିଫଳ ସାଙ୍ଗକୁ ଜୁନ୍ ଓ ଜୁଲାଇ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା: ପିଲାଙ୍କ ଅତିସର

ବର୍ଷାଦିନରେ ପିଲାମାନଙ୍କଠାରେ ଅତିସାର ବା ପତଳାଝାଡ଼ାଜନିତ ରୋଗ ବେଶୀ ଦେଖାଯାଇଥାଏ। ଚିକିତ୍ସା ବିଜ୍ଞାନରେ ଏହାକୁ ଡାଏରିଆ (Diarrhea) କୁହାଯାଇଥାଏ। ଏଥିରେ ପିଲାମାନଙ୍କର ବାରମ୍ବାର ପତଳାଝାଡ଼ା ହୋଇଥାଏ, ଯେଉଁଥିରେ ପାଣି ଅଂଶ ଅଧିକ ଥାଏ। ଫଳରେ ପିଲାମାନେ ଦୁର୍ବଳ ଅନୁଭବ କରିଥାନ୍ତି। ବେଳେବେଳେ ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନ ନେବା ଫଳରେ ଅବସ୍ଥା ସଂକଟାପର୍ଣ୍ଣ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ପାଇଁ ପଡ଼ିପାରେ। ତେବେ ଆସନ୍ତୁ 'କାଦମ୍ବିନୀ'ର ସ୍ୱାସ୍ଥ୍ୟ ସୂଚନା ପୃଷ୍ଠାରେ ସେ ବିଷୟରେ କିଛି ଜାଣିବା।

■■■